# ପର୍ଯ୍ୟଟନ କାର୍ଯ୍ୟାଳୟ, ପୁରୀ

ଚିଠି ସଂଖ୍ୟା- ୪୨୪/ପ.କା, ପୁରୀ        ତାରିଖ- ୧୮.୦୨.୧୮

## ପିପିଲିର ଗାଁପଡା ମୌଜାଠାରେ ନିର୍ମିତ କ୍ରାଫ୍ଟ କମପ୍ଲେକ୍ସରେ ଥିବା ଦୋକାନଘର ଭଡାସୂତ୍ରରେନେବାପାଇଁ ଆବେଦନ ଫର୍ମ ଓ ଅଧିସୂଚନା ।

ପର୍ଯ୍ୟଟନ କାର୍ଯ୍ୟାଳୟ,

ସୁବାସବୋଷ ଛକ, ପୁରୀ.

ଦୁରାଭାସ ନମ୍ବର -୦୬୭୫୨- ୨୨୨୬୬୪ ।

# ଦରଖାସ୍ତ ଫର୍ମ

ଫଟୋ

୧. ବ୍ୟକ୍ତିଙ୍କ ନାମ-

୨. ବାପାଙ୍କ ନାମ –

୩. ବର୍ତ୍ତମାନ ର ଠିକଣା ଓ ଦୂରାଭାସ ନମ୍ବର -

୪. ସ୍ଥାୟୀ ଠିକଣା ଓ ଦୂରାଭାସ ନମ୍ବର -

୫. ବର୍ତ୍ତମାନ ଥିବା ପ୍ରତିଷ୍ଠାନ/ କ୍ୟାବିନ/ଦୋକାନ ଘର ର ପ୍ରମାଣପତ୍ର –

୬. ପରିବାର ସଦସ୍ୟ ଙ୍କର ରୋଜଗର ସମ୍ବଧୀୟ ତଥ୍ୟ –

୭. ସ୍ୱୟଂସହାୟକ ଗୋଷ୍ଠୀ ହୋଇଥିଲେ ତାର ସମ୍ପୂର୍ଣ୍ଣ ବିବରଣୀ ଦିଅନ୍ତୁ-

୮. ଆପଣ ଦେଶ ବା ରାଜ୍ୟ ସରକାରଙ୍କ ଠାରୁ ହସ୍ତଶିଳ୍ପ ରେ କୌଣସି ଉପାଧି ପାଇଛନ୍ତି କି ?

୯. ଯଦି ପାଇଛନ୍ତି ତେବେ ତାହାର ପ୍ରମାଣ ପତ୍ର ସଲଗ୍ନ କରନ୍ତୁ -

୧୦. ଧାର୍ଯ୍ୟ କରାଯାଇଥିବା ଟଙ୍କା ପଇଠକରିଛନ୍ତି କି , ଯଦି କରିଛନ୍ତି ତାର ସମ୍ପୂର୍ଣ୍ଣ ବିବରଣୀ ଦିଅନ୍ତୁ-

ତାରିଖ -

ଦସ୍ତଖତ

## ବିଜ୍ଞାପନ

ରାଜ୍ୟ ପର୍ଯ୍ୟଟନ ବିଭାଗ ତରଫରୁ ପିପିଲିର ଗାଁପଡା ମୌଜା ଠାରେ ନିର୍ମିତ କରାଯାଇଥିବା ଦୋକାନ ଘର ଗୁଡିକ ମଧ୍ୟରୁ ୧୧ ଟି ସ୍ଥାନୀୟ କଳାକାରମାନଙ୍କୁ, ୦୫ ଟି ଘର ରେଜିଷ୍ଟ୍ରିଭୁକ୍ତ ସ୍ୱୟଂସହାୟକ ଗୋଷ୍ଠୀ ଓ ୦୫ ଟି ଘର ଦେଶ ବା ରାଜ୍ୟସ୍ତରୀୟ ଉପାଧି ପ୍ରାପ୍ତ କଳାକାର ମାନଙ୍କୁ ଭଡା ସୂତ୍ରରେ ଦେବାପାଇଁ ଜିଲ୍ଲାପାଳ/ସହକାରୀ ନିର୍ଦ୍ଦେଶକ, ପର୍ଯ୍ୟଟନ, ପୁରୀ ଉକ୍ତ ଅଧିସୂଚନା ଜାରି କରୁଛନ୍ତି। ଆବେଦନ କରିବା ପାଇଁ ଉପରେ ଦିଆଯାଇଥିବା ଦରଖାସ୍ତ ମାଧ୍ୟମରେ ୨୦୧୮ ଜୁନ ମାସ ୧୮ତାରିଖ ଠାରୁ ଜୁଲାଇ ମାସ ୦୪ ତାରିଖ ମଧ୍ୟରେ ସହକାରୀ ନିର୍ଦ୍ଦେଶକ, ପର୍ଯ୍ୟଟନ, ପୁରୀଙ୍କ ପାଖରେ ରେଜିଷ୍ଟ୍ରୀ/ସ୍ପୀଡପୋଷ୍ଟ ମାଧ୍ୟମରେ ପଠାଇ ପାରିବେ । ଧାର୍ଯ୍ୟ ତାରିଖ ପରେ ଅନ୍ୟ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ନିମ୍ନଲିଖିତ ସୂଚନା ଅନୁଯାଇ ଆବେଦନକାରୀ ଦରଖାସ୍ତ କରିବା ପାଇଁ ଯୋଗ୍ୟ ବିବେଚିତ ହେବେ।

୧. ପିପିଲିର ଗାଁପଡା ମୌଜା ଠାରେ ନିର୍ମିତ କରାଯାଇଥିବା ପ୍ରତି ଦୋକାନ ଘର ର ମାସିକ ଭଡା ୨,୫୦୦ ଟଙ୍କା ଧାର୍ଯ୍ୟ କରାଯାଇଅଛି ଓ ଏହା ପ୍ରତି ଦୁଇ ବର୍ଷରେ ୧୦ ପ୍ରତିଶତ ବୃଦ୍ଧି କରାଯିବ

୨. ଦୋକାନଘରର ମାସିକ ଭଡା ପ୍ରତି ମାସ ୦୭ ତାରିଖ ସୁଧା ସହକାରୀ ନିର୍ଦ୍ଦେଶକ, ପର୍ଯ୍ୟଟନ, ପୁରୀଙ୍କ ଅଫିସ ରେ ବ୍ୟାଙ୍କଡ୍ରାଫ୍ଟ କିମ୍ବା ନଗଦ ରାଶୀ ଆକରରେ ପଇଠ କରିପାରିବେ। ଧାର୍ଯ୍ୟ ତାରିଖ ପରେ ଭଡା ପ୍ରଦାନ କଲେ ୫୦୦/- ଟଙ୍କା ଜୋରିମାନା ଲାଗିବ ଓ ସେହି ମାସର ଭଡା ସେହି ମାସରେ ନ ଦେଇ ଅନ୍ୟମାସରେ ଦେଲେ ୧୦୦୦/- ଟଙ୍କା ଜୋରିମାନା ଲାଗିବ ଓ ଏହିପରି ତିନିଥର ହେଲେ ଦୋକାନ ଘର ଆପେ ଆପେ ବାତିଲ ହେଲା ବୋଲି ଧରିନିଆଯିବ ଓ ଅମାନତ ରାଶି ମଧ୍ୟ ବ୍ୟାଜ୍ୟାପ୍ତି ହୋଇଯିବ ।

୩. ପ୍ରତି ଦୋକାନ ଘର ପାଇଁ ୫୦,୦୦୦ ଟଙ୍କା ଅମାନତ ରାଶି ହିସାବରେ ଧାର୍ଯ୍ୟ କରାଯାଇଅଛି। ଦରଖାସ୍ତ ଦେବା ସମୟରେ ଏହି ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ସହକାରୀ ନିର୍ଦ୍ଦେଶକ, ପର୍ଯ୍ୟଟନ, ପୁରୀଙ୍କ ନାମରେ ପଇଠ କରିବାପାଇଁ ପଡିବ ।

୪. ଦୋକାନର ମାଲିକ ଦୋକାନ ଘର ର ସମସ୍ତ ଟାକ୍ସ, ଇଲେକଟ୍ରିକ ଖର୍ଚ୍ଚ, ଜଗିବା ବା ତଦାରଖ ଦାୟିତ୍ୱ ଇତ୍ୟାଦି ନିଜେ ବହନ କରିବେ ।

୫. ଏକ ବିସ୍ତୃତ ପରିବାର ମଧ୍ୟରୁ ଜଣେ ମାତ୍ର ବ୍ୟକ୍ତି ଆବେଦନ କରିପାରିବେ ଓ ଏଥି ନିମନ୍ତେ ତାଙ୍କୁ ଏକ ସତ୍ୟପାଠ ଦାଖଲ କରିବାକୁ ପଡିବ। ଏଥିରେ କୌଣସି ବ୍ୟତିକ୍ରମ ଥିଲେ ବା ପ୍ରମାଣିତ ହେଲେ ପାଇଥିବା ଦୋକାନ ଘର ଆପେ ଆପେ ବାତିଲ ହେଲା ବୋଲି ଧରିନିଆଯିବ ଓ ତତ ସଙ୍ଗେସଙ୍ଗେ ଆଇନିଅନୁଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ । ସ୍ୱୟଂସହାୟକ ଗୋଷ୍ଠୀ ହୋଇଥିଲେ ଅନ୍ୟ କେଉଁଠାରେ ସରକାରୀ ଦୋକାନ ନେଇ ନଥିବାର ପ୍ରମାଣପତ୍ର ଦେବାକୁ ବାଧ୍ୟ।

୬.	କୌଣସି ଦୋକାନ ଘର ର ସ୍ଥିତାବସ୍ଥା, ଆକାର/ପ୍ରକାର ଓ କିସମ ବଦଳାଇପାରିବେ ନାହିଁ। ଏହି ଦୋକାନ ଘରକୁ ଆବଣ୍ଟିତ ବ୍ୟକ୍ତି ନିଜେ ଚଳାଇବେ । କୌଣସି ପରିସ୍ଥିତିରେ କୌଣସି କର୍ମଚାରୀ, ସହଯୋଗୀ ଙ୍କ ନାମରେ ବା ପୁନଃ ଭଡା ଆକାରରେ ଦୋକାନକୁ ବ୍ୟବହାର କରିପାରିବେ ନାହିଁ । ଯଦି ଏହିପରି କରନ୍ତି ତେବେ ଦୋକାନଘର ଆବଣ୍ଟନ ଆପେ ଆପେ ବାତିଲ ହେଲା ବୋଲି ଧରି ନିଆଯିବ ଓ ସେହି ବ୍ୟକ୍ତିଙ୍କୁ ଉଚ୍ଛେଦ କରାଯିବ।

୭.	ଦରଖାସ୍ତକାରୀଙ୍କ ସଂଖ୍ୟା ଦୋକାନଘରଠାରୁ ଅଧିକ ହେଲେ ଓ କେଉଁ ଦୋକାନଘର କିଏ ପାଇବେ ତାହା ଲଟେରୀ ମାଧ୍ୟମରେ ବଛାଯିବ । ଦୋକାନଘର ପାଇଥିବା ବ୍ୟକ୍ତି ମାନଙ୍କୁ ଏହା ପତ୍ର ମାଧ୍ୟମରେ ଜଣାଇଦିଆଯିବ ଓ ପତ୍ର ପାଇବାର ସର୍ବାଧିକ ୦୩ ମାସ ମଧ୍ୟରେ ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ, ପୁରୀ ଙ୍କ ସହିତ ବୁଝାବୁଣା ପତ୍ର ସ୍ୱାକ୍ଷର କରିବା ଜରୁରୀ ଓ ଯଦି ବୁଝାବୁଣା ପତ୍ର ସ୍ୱାକ୍ଷର ନ କରନ୍ତି ତେବେ ପାଇଥିବା ଦୋକାନଘର ଆପେ ଆପେ ବାତିଲ ହେଲା ବୋଲି ଧରିନିଆଯିବ ଓ ଅମାନତ ରାଶି ମଧ୍ୟ ବ୍ୟାଜ୍ୟାପ୍ତି ହୋଇଯିବ । ଦୋକାନଘର ପାଇ ନଥିବା ଦରଖାସ୍ତକାରୀଙ୍କ ଜମାରାଶି ସେମାନଙ୍କୁ ଲଟେରୀ ସରିବାର ୩୦ ଦିନ ମଧ୍ୟରେ ଫେରସ୍ତ ଦିଆଯିବ ।

୮.	ଦରଖାସ୍ତରେ କୌଣସି ଭୁଲ ତଥ୍ୟ ଦିଆଯାଇଥିଲେ ବା ତଥ୍ୟ ଲୁଚା ଯାଇଥିଲେ ଦରଖାସ୍ତ ଆପେ ଆପେ ବାତିଲ ହେଲା ବୋଲି ଧରିନିଆଯିବ ଓ ଅମାନତ ରାଶି ମଧ୍ୟ ବ୍ୟାଜ୍ୟାପ୍ତି ହୋଇଯିବ ।

୯.	କୌଣସି ଦରଖାସ୍ତ କୁ ରଖିବା, ବାତିଲକରିବା ବା ବଦଳାଇବା ରାଜ୍ୟ ପର୍ଯ୍ୟଟନ ବିଭାଗ/ଜିଲ୍ଲାପାଳ/ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ, ପୁରୀ ଙ୍କ ସମ୍ପୂର୍ଣ ଅଧିକାର ଅଟେ ।

ସ୍ୱା/-

ସହକାରୀ ନିର୍ଦ୍ଦେଶକ, ପର୍ଯ୍ୟଟନ, ପୁରୀ